# NATIONAL NEWS BULLETIN (ODIA)
## 17th August - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଆଇ.ଏସ୍.ଆଇ. ସମର୍ଥିତ ଆତଙ୍କବାଦୀ ସଙ୍ଗଠନ 'ଶେହଜାଦ ଭଟ୍ଟି ନେଟ୍‌ୱାର୍କ'ର ଆକ୍ରମଣ ଯୋଜନାକୁ ବିଫଳ କଲେ ସରକାର; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆସନ୍ତାକାଲି 'ଶକ୍ତିର ସପ୍ତଧାରା ସଙ୍କଳ୍ପ'ର ନେତୃତ୍ୱ ନେବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।
- ତାମିଲନାଡୁକୁ କାବେରୀ ନଦୀ ଜଳ ଛାଡ଼ିବାପାଇଁ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ସୁପ୍ରିମ୍‌କୋର୍ଟ ।
- ଓମାନ ଓ ଇରାନ୍ ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପରିଚାଳନା ଯୋଜନା ଉପରେ ଚୁକ୍ତିନାମା ସ୍ୱାକ୍ଷରିତ ।

ଏବଂ

- ଗାଲେ କ୍ରିକେଟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷସୁଦ୍ଧା ଭାରତ’ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମ ଇନିଙ୍ଗ୍‌ସରେ ୧୭୮ ରନ୍‌ରେ ଅଗ୍ରଣୀ ।

## ଶାହା - ଟେରର୍ ନେଟ୍‌ୱାର୍କ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ସ୍ୱାଧୀନତା ଦିବସ ପୂର୍ବରୁ ଆଇ.ଏସ୍.ଆଇ. ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ‘ଶେହଜାଦ୍ ଭଟ୍ଟି ନେଟ୍‌ୱାର୍କ’କୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ କରିଦେଇଛନ୍ତି । ଶ୍ରୀ ଶାହା କହିଛନ୍ତି, ସରକାର ୨ ଶହରୁ ଅଧିକ ସକ୍ରିୟ ସଦସ୍ୟଙ୍କୁ ଗିରଫ କରି ସେମାନଙ୍କର ଆକ୍ରମଣ ଯୋଜନାକୁ ବିଫଳ କରିଦେଇଛନ୍ତି । ସୁରକ୍ଷା ବାହିନୀ ୧୪ଟି ରାଜ୍ୟର ବିଭିନ୍ନ ସ୍ଥାନରେ ସମନ୍ୱିତ ଯୋଜନା ମାଧ୍ୟମରେ ଏହି ଆତଙ୍କୀ ନେଟ୍‌ୱାର୍କର ମୂଳୋତ୍ପାଟନ କରିଛନ୍ତି, ଯାହା ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳ ନୀତିର ବଳିଷ୍ଠ ଉଦାହରଣ । ସେହି ସଙ୍ଗଠନ ନିକଟରୁ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି । ଜବତ ସାମଗ୍ରୀଗୁଡ଼ିକ ମଧ୍ୟରେ ଆଇ.ଇ.ଡି., ପାକିସ୍ତାନ ଅର୍ଡ଼ିନାନ୍ସ ଫ୍ୟାକ୍ଟ୍ରି ନିର୍ମିତ ଗ୍ରେନେଡ୍, ପିସ୍ତଲ୍, ଜୀବନ୍ତ ଗୁଳି ଏବଂ ଗୁପ୍ତଚର ବୃତ୍ତିପାଇଁ ବ୍ୟବହୃତ ସି.ସି.ଟି.ଭି. କ୍ୟାମେରା ରହିଛି ।

ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ଏହି ସଙ୍ଗଠନ ଜଡ଼ିତ ଥିଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

## ଶିବରାଜ - ସପ୍ତଧାରା

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଉପସ୍ଥାପିତ 'ଶକ୍ତିର ସପ୍ତଧାରା' କୃଷି ଏବଂ ଗ୍ରାମୀଣ ଭାରତପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରଦାନ କରୁଛି । ସରକାର ଜନକୈନ୍ଦ୍ରିକ କାର୍ଯ୍ୟକ୍ରମ, ସ୍ୱଚ୍ଛ ତଦାରଖ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଏହି ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବାପାଇଁ କାର୍ଯ୍ୟ କରିବେ ବୋଲି ଶ୍ରୀ ଚୌହାନ କହିଛନ୍ତି । ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ଶକ୍ତିର ସପ୍ତଧାରା ବିଷୟରେ ଉଲ୍ଲେଖ କରିଥିଲେ । କୃଷି ଓ ଖାଦ୍ୟ ଉତ୍ପାଦନକୁ ମଜବୁତ କରିବା, ଖାଦ୍ୟ ପ୍ରକ୍ରିୟାକରଣକୁ ପ୍ରୋତ୍ସାହିତ କରିବା ଏବଂ ବିଶ୍ୱ ବଜାରରେ ପ୍ରବେଶର ସମ୍ପ୍ରସାରଣକୁ ପ୍ରମୁଖ ପ୍ରାଥମିକତା ଭାବେ ସାମିଲ୍ କରାଯାଇଛି । ବୈଶ୍ୱିକ ସଙ୍କଟ ଏବଂ ଅନିଶ୍ଚିତତା ମଧ୍ୟରେ କୃଷକମାନଙ୍କୁ ରିହାତି ମୂଲ୍ୟରେ ସାର ଯୋଗାଇବାପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ । ଆସନ୍ତାକାଲି ନୂଆଦିଲ୍ଲୀର ପୁଷା କ୍ୟାମ୍ପସ୍‌ରେ ଶ୍ରୀ ଚୌହାନ୍ 'ଶକ୍ତିର ସପ୍ତଧାରା ସଙ୍କଳ୍ପ'ର ନେତୃତ୍ୱ ନେବେ ବୋଲି କୃଷି

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମାର୍ଗଦର୍ଶିକା, ଲକ୍ଷପତି ଦିଦି କାର୍ଯ୍ୟକ୍ରମର ସମ୍ପ୍ରସାରଣ ଏବଂ ଗ୍ରାମୀଣ ସମୁଦାୟର ସ୍ୱାର୍ଥ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଯୋଶୀ - ଏନ୍.ଟି.ଏ. ମିଟିଂ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଆଜି ନୂଆଦିଲ୍ଲୀରେ ଉଚ୍ଚଶିକ୍ଷା ବିଭାଗର ସଚିବ, ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍.ଟି.ଏ.ର ମହାନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବୈଠକ କରିଛନ୍ତି । ପ୍ରତିଷ୍ଠିତ ପରୀକ୍ଷା ନିୟମାବଳୀର କଡ଼ା ଅନୁପାଳନ ସୁନିଶ୍ଚିତ କରିବା, ଗୋପନୀୟ କାର୍ଯ୍ୟପ୍ରଣାଳୀର ବ୍ୟବସ୍ଥା, ସୁରକ୍ଷିତ ପୃଥକ୍ କକ୍ଷ, ବାହ୍ୟ ନେଟ୍‌ୱାର୍କରୁ ମୁକ୍ତ କମ୍ପ୍ୟୁଟର ବ୍ୟବସ୍ଥା ଏବଂ ଇଲୋକ୍ଟ୍ରୋନିକ୍ସ ଉପକରଣ ଦାଖଲ ମାର୍ଗଦର୍ଶିକାର ସମ୍ପୂର୍ଣ୍ଣ ସଂସ୍କାରକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଶ୍ରୀ ଯୋଶୀ ନିର୍ଦ୍ଦେଶ ଦେଇଛନ୍ତି । ପରୀକ୍ଷାର ସମସ୍ତ ପ୍ରକ୍ରିୟାର ପୁଙ୍ଖାନୁପୁଙ୍ଖ ଅଡିଟ୍ ଏବଂ ନିଆଯାଇଥିବା ସଂଶୋଧନମୂଳକ ପଦକ୍ଷେପ ଉପରେ ଏକ ରିପୋର୍ଟ ଦାଖଲ କରିବାକୁ ଏନ୍.ଟି.ଏ.କୁ ନିର୍ଦ୍ଦେଶ ଦିଆଯାଇଛି ।

# ବି.ଜେ.ପି. - ଅଫିସ୍ ବିୟରର୍

ଭାରତୀୟ ଜନତା ପାର୍ଟି-ବି.ଜେ.ପି.ର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଆଜି ଦଳର ନୂତନ ରାଷ୍ଟ୍ରୀୟ ପଦାଧିକାରୀ ଟିମ୍ ଘୋଷଣା କରିଛନ୍ତି । ଦଳରେ ୧୩ ଜଣଙ୍କୁ ରାଷ୍ଟ୍ରୀୟ ଉପସଭାପତି ଭାବେ ନିଯୁକ୍ତି ମିଳିଛି । ସେମାନଙ୍କ ମଧ୍ୟରେ - ବସୁନ୍ଧରା ରାଜେ ସିନ୍ଧିଆ, ତୀରଥ ସିଂହ ରାୱତ, ରାମ ମାଧବ, ବୈଜୟନ୍ତ ଜୟ ପଣ୍ଡା, ସର୍ଦ୍ଦାର ମନପ୍ରୀତ ସିଂହ ବାଦଲ ଏବଂ ରେଖା ବର୍ମା ରହିଛନ୍ତି । କେନ୍ଦ୍ରମନ୍ତ୍ରୀ ତଥା ବି.ଜେ.ପି. ନେତା ପୀୟୁଷ ଗୋୟଲ୍‌ଙ୍କୁ ଦଳର ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଏବଂ ବି.ଏଲ୍. ସନ୍ତୋଷଙ୍କୁ ସାଙ୍ଗଠନିକ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି । ନୀବନ ବିନୋଦ ତାୱ୍ଡେ଼, ସୁନୀଲ ବଂଶଲ୍, ସ୍ମୃତି ଇରାନୀ ଏବଂ ବିପ୍ଳବ କୁମାର ଦେବଙ୍କ ସମେତ ୮ ଜଣ ଦଳୀୟ ନେତାଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି । ଏଥିସହ ଦଳ ନିଜର ବିଭିନ୍ନ ମୋର୍ଚ୍ଚାର ନୂତନ ମୁଖ୍ୟଙ୍କ ନାମ ଘୋଷଣା କରିଛି । ଡକ୍ଟର ହିମାଙ୍ଗ ଯୋଶୀଙ୍କୁ ଯୁବମୋର୍ଚ୍ଚା ସଭାପତି, ରୂପ କୁମାରୀ ଚୌଧୁରୀଙ୍କୁ ମହିଳା ମୋର୍ଚ୍ଚା ସଭାପତି ଏବଂ ବଂଶୀଲାଲ୍ ଗୁର୍ଜରଙ୍କୁ କିଷାନ୍ ମୋର୍ଚ୍ଚା ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି ।

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳର ନବନିଯୁକ୍ତ ରାଷ୍ଟ୍ରୀୟ ପଦାଧିକାରୀ ଏବଂ ବିଭିନ୍ନ ଦାୟିତ୍ୱ ପାଇଥିବା

ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନବନିଯୁକ୍ତ କାର୍ଯ୍ୟକର୍ତ୍ତାମାନେ ଦଳକୁ ମଜବୁତ କରିବା ଏବଂ ଜନସେବା ଉପରେ ଗୁରୁତ୍ୱ ଦେବା କ୍ଷେତ୍ରରେ ସେମାନଙ୍କର ଶ୍ରେଷ୍ଠ ଯୋଗଦାନ ଦେବେ ବୋଲି ଶ୍ରୀ ମୋଦି ଆଶାବ୍ୟକ୍ତ କରିଛନ୍ତି ।

ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ନବନିଯୁକ୍ତ ପଦାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିକଶିତ ଭାରତର ସଙ୍କଳ୍ପ ଏବଂ ଦେଶଗଠନର ପ୍ରତିବଦ୍ଧତାକୁ ନବନିଯୁକ୍ତ ସଦସ୍ୟମାନେ ଏକ ନୂତନ ଶିଖରରେ ପହଞ୍ଚାଇପାରିବେ ବୋଲି ଶ୍ରୀ ନବୀନ କହିଛନ୍ତି ।

## ଏସ୍.ସି. - କାବେରୀ ୱାଟର କନ୍‌ଫ୍ଲିକ୍ଟ

କାବେରୀ ନଦୀ ଜଳ ତାମିଲ୍‌ନାଡୁକୁ ଛାଡ଼ିବାପାଇଁ ସୁପ୍ରିମ୍‌କୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ କାବେରୀ ଜଳ ପରିଚାଳନା ପ୍ରାଧିକରଣ - CWMA ଦେଇଥିବା ନିର୍ଦ୍ଦେଶକୁ ପାଳନ କରିବାକୁ ମଧ୍ୟ କହିଛନ୍ତି । ସୁପ୍ରିମ୍‌କୋର୍ଟ' ପ୍ରାଧିକରଣଙ୍କଠାରୁ ବର୍ତ୍ତମାନର ସ୍ଥିତିନେଇ ଏକ ରିପୋର୍ଟ ମାଗିଛନ୍ତି । ପଡ଼ୋଶୀ ରାଜ୍ୟକୁ ଜଳ ଛାଡ଼ିବାପାଇଁ ପ୍ରାଧିକରଣର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଦାବିକରି ତାମିଲନାଡୁ ପକ୍ଷରୁ ହୋଇଥିବା ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଏବଂ ବିଚାରପତି ଜଷ୍ଟିସ୍ ସନ୍ଦିପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ

ଦେଇଛନ୍ତି । ୧୨ ହଜାର ଘନଫୁଟ ଜଳ ଛାଡ଼ିବା ନିର୍ଦ୍ଦେଶର ଅନୁପାଳନ ସମ୍ପର୍କରେ ଖଣ୍ଡପୀଠ କର୍ଣ୍ଣାଟକର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇବା ସହ ଆଗାମୀ ଦିନରେ ପୁନଃସମୀକ୍ଷା ନେଇ କହିଥିଲେ । ସୁପ୍ରିମ୍‌କୋର୍ଟ ତାମିଲନାଡୁର ଏହି ଆବଦେନର ପରବର୍ତ୍ତୀ ଶୁଣାଣିପାଇଁ ଆସନ୍ତା ୨୪ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି ।

## ଜିତେନ୍ଦ୍ର - ଅନୁଭବ ଆୱାର୍ଡ଼

କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀରେ ୧୫ ଜଣଙ୍କୁ ଜାତୀୟ ଅନୁଭବ ପୁରସ୍କାର-୨୦୨୬ ପ୍ରଦାନ କରିଛନ୍ତି । ପୁରସ୍କାର ବିଜେତାମାନେ ଦେଶଗଠନରେ ନିଜର ଅବଦାନ ରଖିଛନ୍ତି ଏବଂ ବଭିନ୍ନ ସରକାରୀ ପ୍ରକଳ୍ପରେ ପ୍ରଶାସନିକ, ଆକାଉଣ୍ଟିଂ ଓ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସହ ଜଡ଼ିତ ରହିଛନ୍ତି । କେନ୍ଦ୍ର ସରକାରୀ କର୍ମଚାରୀ, ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଓ ବିଭିନ୍ନ କେନ୍ଦ୍ରୀୟ ଉଦ୍ୟୋଗର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସରକାରୀ କାର୍ଯ୍ୟକାଳର ଅନୁଭୂତି ବାଣ୍ଟିବାପାଇଁ 'ଅନୁଭବ' ପୁରସ୍କାର ଏକ ମଞ୍ଚ ପ୍ରଦାନ କରିଥାଏ । କାର୍ଯ୍ୟକ୍ରମ ଅବସରରେ 'ପେନ୍‌ସନ୍ ମିତ୍ର' ପୁସ୍ତିକା ଏବଂ ଦେଶବ୍ୟାପୀ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ-୫ର ମାର୍ଗଦର୍ଶିକା ମଧ୍ୟ ଉନ୍ମୋଚନ ହୋଇଥିଲା ।

# ପି.ଏମ୍. - ବୀରଭୂମ ମିଶାପ୍

ପଶ୍ଚିମବଙ୍ଗର ବୀରଭୂମ ଅଗ୍ନିକାଣ୍ଡ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି' ନିଜର ପ୍ରିୟଜନଙ୍କୁ ହରାଇଥିବା ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଜାତୀୟ ସହାୟତା ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ୨ ଲକ୍ଷ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବା ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ।

# ବିହାର - ଇଲେକ୍ସନ କମିଶନର୍

ଭାରତର ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର ପ୍ରାୟ ୫ ଶହ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହ ଏକ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ । ବିହାରର ରାଜଗିରିସ୍ଥିତ ନାଳନ୍ଦା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଆଲୋଚନାଚକ୍ରରେ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ, ସ୍ୱଚ୍ଛ ଓ ନାଗରିକକୈନ୍ଦ୍ରିକ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମ ପରେ ମୁଖ୍ୟ ନିର୍ବାଚନ କମିଶନର୍ ପାଟନାରୁ ନିର୍ବାଚନ ସାକ୍ଷରତା କ୍ଲବ୍-୨.୦ର ଶୁଭାରମ୍ଭ କରିଛନ୍ତି ।

## ୱେଷ୍ଟ ଏସିଆ - ଅପ୍‌ଡେଟ୍‌ସ୍

ଇରାନ୍ ଏବଂ ଓମାନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପରିଚାଳନା ଯୋଜନା ଉପରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏକ ମିଳିତ ବିବୃତ୍ତିର ଚୂଡ଼ାନ୍ତ ରୂପରେଖ ଉପରେ ଉଭୟ ପକ୍ଷ କାର୍ଯ୍ୟ କରୁଛନ୍ତି ବୋଲି ଇରାନ୍ କହିଛି । ତେହେରାନ୍‌ଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଇରାନ୍ ବୈଦେଶିକ ବ୍ୟାପାର ମୁଖପାତ୍ର ଇସ୍‌ମାଇଲ୍ ବାଘାଲ୍ କହିଛନ୍ତି, ଜାହାଜ ଚଳାଚଳ ମାର୍ଗର ମାନଚିତ୍ର ସମ୍ପର୍କରେ ଏକ ବୁଝାମଣା ହୋଇଛି । ଆମେରିକା ଏବଂ ଇରାନ୍ ମଧ୍ୟରେ ଶାନ୍ତିଚୁକ୍ତିପାଇଁ ୬୦ ଦିନର ଆଲୋଚନା ଅବଧି ଶେଷ ହେଉଥିବା ସମୟରେ ଏହି ଘୋଷଣା ସାମ୍‌ନାକୁ ଆସିଛି । ଫେବୃୟାରୀ ୨୮ ତାରିଖରେ ଇସ୍ରାଏଲ୍ ଏବଂ ଆମେରିକା ଇରାନ୍ ଉପରେ ଆକ୍ରମଣ କରିବା ପରେ ଇରାନ୍ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଥିଲା ।

ଅନ୍ୟପକ୍ଷରେ ମଧ୍ୟ-ପ୍ରାଚ୍ୟ ମଧ୍ୟସ୍ଥି ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପଙ୍କ ଜାମାତା ଜାରେଡ୍ କୁଶ୍‌ନର୍’ ନିରସ୍ତ୍ରୀକରଣ ଉପରେ ଇଜିପ୍ଟରେ ହମାସ୍ ମୁଖ୍ୟ ଖଲିଲ୍ ଅଲ୍ ହାୟାଙ୍କ ସହ ଆଲୋଚନା କରିବାର ଗୋଟିଏ ଦିନ ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ

ବୈଠକ କରିଛନ୍ତି । ଗାଜାରେ ମଧ୍ୟବର୍ତ୍ତୀକାଳୀନ ଶାନ୍ତିଚୁକ୍ତିକୁ ଆଗକୁ ବଢ଼ାଇବାପାଇଁ ଆମେରିକା ସମର୍ଥିତ ୧୫ ସୂତ୍ରୀ ରୋଡ୍‌ମ୍ୟାପ୍‌କୁ ଇସ୍ରାଏଲ୍ ନେତା ପ୍ରତ୍ୟାଖ୍ୟାନ କରିବା ପରେ ଶ୍ରୀ ନେତାନ୍ୟାହୁଙ୍କ ସହ ଏହି ବୈଠକ ହୋଇଛି । ହମାସ୍ ଏହି ରୋଡ୍‌ମ୍ୟାପ୍‌ରେ ସହମତି ପ୍ରକାଶ କରିଛି, ଯେଉଁଥିରେ ନିରସ୍ତ୍ରୀକରଣ ସାମିଲ୍ ଅଛି ଏବଂ ସଙ୍ଗଠନ ମଧ୍ୟସ୍ଥି ତଥା ଆମେରିକାଦ୍ୱାରା ଗଠିତ ଶାନ୍ତି କମିଟି' ଇସ୍ରାଏଲ୍‌କୁ ଏଥିରେ ସ୍ୱାକ୍ଷର କରିବାପାଇଁ ବାଧ୍ୟ କରୁଛି । ରୋଡ୍‌ମ୍ୟାପ୍ ଅନୁଯାୟୀ ଗାଜାରୁ ସୈନ୍ୟ ପ୍ରତ୍ୟାହାର ନେଇ ଇସ୍ରାଏଲ୍ କହିଛି, ସୈନ୍ୟ ପ୍ରତ୍ୟାହାର ପୂର୍ବରୁ ହମାସ୍‌କୁ ସମ୍ପୂର୍ଣ୍ଣ ନିରସ୍ତ୍ର ହେବାକୁ ପଡ଼ିବ । ଇସ୍ରାଏଲ୍ ସୈନ୍ୟମାନେ ଗାଜାର ପ୍ରାୟ ୬୦ ପ୍ରତିଶତ ଅଞ୍ଚଳ ଅକ୍ତିଆର କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଏହାକୁ ଆହୁରି ଆଗକୁ ବଢ଼ାଇବାପାଇଁ ପୂର୍ବରୁ ଚେତାବନୀ ଦେଇଛନ୍ତି ।

## ଟେଷ୍ଟ କ୍ରିକେଟ୍ - ଇଣ୍ଡିଆ-ଶ୍ରୀଲଙ୍କା

ଶ୍ରୀଲଙ୍କାର ଗାଲେଠାରେ ଚାଲିଥିବା ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ତୃତୀୟ ଦିନର ଖେଳ ଶେଷସୁଦ୍ଧା ଭାରତୀୟ ବୋଲର୍‌ମାନେ ଶ୍ରୀଲଙ୍କାକୁ ପ୍ରଥମ ଇନିଙ୍ଗ୍‌ସରେ ୨୮୪ ରନ୍‌ରେ ସୀମିତ ରଖିଛନ୍ତି । ଏଥିସହ ଭାରତ ପ୍ରଥମ ଇନିଙ୍ଗ୍‌ସରେ ୧୭୮ ରନ୍‌ର ଅଗ୍ରଣୀ ହାସଲ କରିଛି । ଭାରତ ପକ୍ଷରୁ ମାନବ ସୁଥାର ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ରବୀନ୍ଦ୍ର

ଜାଡେଜା ୩ଟି ୱିକେଟ୍ ନେଇଛନ୍ତି । ଶ୍ରୀଲଙ୍କା ପକ୍ଷରୁ ସୋନାଲ ଦିନୁଶା ନିଜର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିବାବେଳେ ନିରୋସନ୍ ଡିକ୍‌ୱେଲା ୮୦ ରନ୍‌ର ପାଳି ଖେଳିଥିଲେ ।

ଭାରତ ଆଜି ଗତକାଲିର ସ୍କୋର ୯ ୱିକେଟ୍ ବିନିମୟରେ ୪୬୦ ରନ୍‌ରୁ ଖେଳିବା ଆରମ୍ଭ କରି ମାତ୍ର ୨ ରନ୍ ଯୋଡ଼ି ୪୬୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଟେଷ୍ଟ ଶୃଙ୍ଖଳାର ଚୂଡ଼ାନ୍ତ ମ୍ୟାଚ୍ ଆସନ୍ତା ୨୩ ତାରିଖରେ କଲମ୍ବୋରେ ଖେଳାଯିବ ।

## ବି.ଡବ୍ଲ୍ୟୁ.ଏଫ୍. ବ୍ୟାଡ୍‌ମିଣ୍ଟନ୍

ନୂଆଦିଲ୍ଲୀରେ ଚାଲିଥିବା ବି.ଡବ୍ଲ୍ୟୁ.ଏଫ୍. ବିଶ୍ୱ ଚାମ୍ପିୟନସିପ୍‌ର ମହିଳା ସିଙ୍ଗଲ୍‌ସ ବର୍ଗରେ ଭାରତର ପି.ଭି. ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ସେ ପୂର୍ବତନ ବିଶ୍ୱ ଚାମ୍ପିୟନ୍ ଆର୍ୟାଲାଣ୍ଡର ସୋଫିଆ ନୋବେଲ୍‌ଙ୍କୁ ୨୧-୭, ୨୧-୧୧ରେ ପରାସ୍ତ କରିଛନ୍ତି ।

ଅନ୍ୟପକ୍ଷରେ ମହିଳା ଡବଲ୍‌ସରେ ଭାରତର ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି । ସେମାନେ ସ୍ପେନ୍‌ର ପାଉଲା ଲୋପେଜ୍ ଓ ଲୁସିଆ ରୋଡ୍ରିଗେଜ୍‌ଙ୍କୁ ୨୧-୯, ୨୧-୧୩ରେ ପରାସ୍ତ କରିଛନ୍ତି ।

ପୁରୁଷ ଡବଲ୍ସରେ ଏମ୍.ଆର୍. ଅର୍ଜୁନ ଏବଂ ହରିହରନ୍ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି ।

*****